## ପାଣି ମିଟର ଚୋରି, ୪ ଧରାପଡ଼ିଲେ

ବ୍ରହ୍ମପୁର ଅଫିସ, ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହି ଅଞ୍ଚଳରୁ ପାଣି ମିଟର ଚୋରି ଅଭିଯୋଗରେ ବଡବଜାର ପୋଲିସ ୪ ଜଣଙ୍କୁ ଧରିଛି। ସେମାନଙ୍କ ମଧରେ ୩ଜଣ ନାବାଳକ ରହିଛନ୍ତି। ଚୋରି ସାମଗ୍ରୀ କିଣିଥିବା କବାଡ଼ିବାଲା ଶିବ ଶଙ୍କର ସାହୁଙ୍କୁ ପୋଲିସ ଗିରଫ କରି ମାମଲା ନମ୍ବର ୪/୨୩ରେ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଏହି ମାମଲାରେ ପୋଲିସ ଧରିଥିବା ୩ ନାବାଳକଙ୍କୁ ଜେଜେବିରେ ହାଜର କରିଛି। ଜେଜେବିଙ୍କ ନିର୍ଦ୍ଦେଶ କ୍ରମେ ନାବାଳକମାନଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୋଲିସ ଅଭିଯୁକ୍ତ ଶିବଙ୍କଠାରୁ ଚୋରି ହୋଇଥିବା ପାଣି ମିଟର ଜବତ କରିଛି।

## ସଂକ୍ଷେପରେ

### କଳିଙ୍ଗା ଘାଟିରେ ବାଇକ୍ ଦୁର୍ଘଟଣା ଜଣେ ମୃତ, ଜଣେ ଗୁରୁତର

ଜି.ଉଦୟଗିରି,୨୧।୧(ଡି.ଏନ.ଏ.)- ଜି.ଉଦୟଗିରି ଥାନା ଅନ୍ତର୍ଗତ କଳିଙ୍ଗା ଘାଟିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଦୁଇଜଣ ବ୍ୟକ୍ତିଙ୍କୁ ଟିମ୍ ହ୍ୟୁମାନିଟି ପକ୍ଷରୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ସୂଚନା ପ୍ରଦାନ କରିଛନ୍ତି। ମୃତକ ଜଣକ ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଦୀପକ ପରିଡ଼ା (୧୭) ବୋଲି ଜଣାଯାଇଛି। ଗୁରୁତର ଆହତ ଜଣଙ୍କ ମଧରେ ସେହି ଗ୍ରାମର ସୁଶାନ୍ତ କୁମାର ପରିଡା (୨୯) ବୋଲି ଜାଣିବାକୁ ମିଳିଛି। କଳିଙ୍ଗା ଘାଟି ଅନ୍ଧାରକୋଟି ନିକଟରେ ଭାରସାମ୍ୟ ହରାଇ ବାଇକଟି ରାସ୍ତା ପାର୍ଶ୍ୱ ଲୁହାରେ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜି.ଉଦୟଗିରି ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ଓ ଏଏସଆଇ ବିନୟ ମହାରଣା ପହଞ୍ଚି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

### ନିଶାସକ୍ତ ଚାଳକ ଧରପଗଡ଼, ଜରିମାନା ଆଦାୟ

ଆସିକା ୨୧।୧(ଡି.ଏନ୍.ଏ): ନିଶାସକ୍ତ ଅବସ୍ଥାରେ ଯାନବାହାନ ଚଳାଉଥିବା ବ୍ୟକ୍ତିଙ୍କୁ ଧରପଗଡ ଲାଗି ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଛି । ଶୁକ୍ରବାର ରାତିରେ କୋଟିନଡା ଥାନା ଅନ୍ତର୍ଗତ ବାବନପୁର ଛକ ନିକଟରୁ କୋଟିନଡ଼ା ପୋଲିସ ପାଟ୍ରୋଲିଂ ଟିମ ୪ଜଣ ନିଶାଶକ୍ତ ଚାଳକଙ୍କୁ ଠାବ କରିଛି । ସେମାନଙ୍କ ମଧରେ ୩ଜଣ ବାଇକ ଓ ଜଣେ ଅଟୋ ଚାଳକ ଥିବା ଜଣାପଡିଛି। ଅଭିଯୁକ୍ତଙ୍କ ବିରୋଧରେ ୪ଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି । ସେହିଭଳି ଗାଙ୍ଗପୁର ଥାନା ପୋଲିସ ପକ୍ଷରୁ ଗତ ସୋମବାର ରାତିରେ ଗାଙ୍ଗପୁର ୨ଜଣ ନିଶାଶକ୍ତ ବାଇକ ଚାଳକଙ୍କୁ ପୋଲିସ ଧରିଥିଲା । ସେମାନଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଶନିବାର ଆସିକାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାମଲାର ବିଚାର କରି ନିଶାଶକ୍ତ ଚାଳକଙ୍କୁ ୧୬ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ଦଣ୍ଡିତ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

### ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

ସୋରଡ଼ା, ୨୧।୧: ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟରେ ଫେବୃଆରୀ ପ୍ରଥମ ସପ୍ତାହରେ ପାଳନହେବ ରୌପ୍ୟ ଜୟନ୍ତୀ ସମାରୋହ। ଏଥିନିମନ୍ତେ ଶନିବାର ଅଧକ୍ଷ ରମେଶ ଚନ୍ଦ୍ର ପାଢୀଙ୍କ ଅଧକ୍ଷତା ତଥା ଅଧାପକ ହୃଷୀକେଶ ମିଶ୍ର ଓ ସୁଧାଂଶୁ ଶେଖର ପଣ୍ଡାଙ୍କ ସଂଯୋଜନାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ମନ୍ତ୍ରୀ, ବିଧାୟକ, ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟାନ୍ୟ ନେତା ଓ ଅଧିକାରୀଙ୍କୁ ନିମନ୍ତ୍ରଣ କରିବା ପାଇଁ ନିଷ୍ପତି ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ବୈଠକରେ ଭଗବାନ ସାହୁ, ଶକ୍ତି ସୁଆର, ଅରୁଣ ବେହେରା, ପିଙ୍କୁ ପାଢୀ, ସ୍ୱାଧିନ ସାବତ, କାହ୍ନୁ ପଣ୍ଡା, ପଞ୍ଚା ପାଢୀ, ଲିଟୁ ବିଶୋୟୀ, ଶିପୁ ପାତ୍ରଙ୍କ ସମେତ ମୋ କଲେଜ ଅଭିଯାନର ବହୁ ସଦସ୍ୟ ଯୋଗଦେଇଥିଲେ।

### ଚବିଶ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ବାଲିଗୁଡା, ୨୧।୧ (ଡି.ଏନ.ଏ.): କନ୍ଧମାଳ ଜିଲା ବାଲିଗୁଡାର ନୂଆସାହିରେ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଚବିଶ ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଫଗୁଦଶମୀ ପୂର୍ବରୁ ମାଆ ବରାଳଦେବୀ ପୀଠରେ ମା'ଙ୍କ ମନ୍ଦିର ର ମୁଖଶାଳା ପ୍ରତିଷ୍ଠା ସହିତ ପାଞ୍ଚ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଚାଲୁରହିବ। ଏନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ କମିଟି ସଭାପତି ଲଳିତ କୁମାର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପ ସଭାପତି ଶିବରାମ ପ୍ରଧାନୀ, ସମ୍ପାଦକ ଗଙ୍ଗାଧର ଭୋଇ, ସହ ସମ୍ପାଦକ କଣ୍ଢେଶ୍ୱର ବାଗ, କୋଷାଧକ୍ଷ ଅଶୋକ କୁମାର ସାହୁ, ପୂର୍ବତନ କୋଷାଧକ୍ଷ ବିରୁପାକ୍ଷ ଦାଶ, ପୂର୍ବତନ ସମ୍ପାଦକ ଗୋପବନ୍ଧୁ ବିଶୋଇ, ପୂର୍ବତନ ଉପ ସଭାପତି ବିସିକେଶନ ବିଶିମାଝୀ, ଉପଦେଷ୍ଟା କୁଦ ପାତ୍ର, ବିଜୟ ଚନ୍ଦ୍ର ଖଣ୍ଡଗିରି, ସେଲେସ ନାୟକ, କାଉନସିଲର ବିଭୁତି ଭୂଷଣ ଲହରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ରୋମାଞ୍ଚ ଭରିଲେ ଅର୍ଚ୍ଚିତା, ସବ୍ୟସାଚୀ

### ଗଜପତି ଉତ୍ସବର ଚତୁର୍ଥ ସନ୍ଧ୍ୟା



ଗଜପତି ଉତ୍ସବର ଶନିବାର ସନ୍ଧ୍ୟାରେ ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତା।

ପାରଳାଖେମୁଣ୍ଡି, ୨୧।୧ (ଡି.ଏନ୍.ଏ) :

ଗଜପତି ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ସମୃଦ୍ଧି ପରମ୍ପରାର ସମାରୋହ ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳାର ଶନିବାର ଚତୁର୍ଥ ସନ୍ଧ୍ୟାରେ ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଛନ୍ତି ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତା। ଏହି ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିଲା। ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଜିଲା ତଥା ଅନ୍ୟ ଜିଲାର କଳାକାରମାନେ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ପାରଳାଖେମୁଣ୍ଡି ସହରର ନଟରାଜ ନୃତ୍ୟ କଳା କ୍ଷେତ୍ର ଗ୍ରୁପ, ଗଞ୍ଜାମ ଜିଲା ରଣପା ଲୋକନୃତ୍ୟ, ଚନ୍ଦ୍ରଗିରିର ତିବ୍ବତିଆନ ଗ୍ରୁପ ଦ୍ୱାରା ଲୋକନୃତ୍ୟ, ସୁରଭି ଗଜପତି, ପାରଳାଖେମୁଣ୍ଡିସ୍ଥିତ ଶ୍ରୀଅରବିନ୍ଦ ବିଦ୍ୟାଳୟ, ସେଞ୍ଚୁରିଆନ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ମହିଳା ସ୍ନାତକ ମହାବିଦ୍ୟାଳୟ, ବନ୍ଦେ ମାତରମ ନୃତ୍ୟ ଦଳ, ଗୋଷାଣି ଓ କାଶୀନଗର ବ୍ଲକର ଲୋକନୃତ୍ୟ, ସମ୍ବଲପୁରର ଲୋକନୃତ୍ୟ, କୋରାପୁଟର ଢେମସା ଲୋକନୃତ୍ୟ ସମେତ ୧୪ଟି ଗ୍ରୁପ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ସଭା କାର୍ଯ୍ୟକ୍ରମରେ ଗଜପତି ଜିଲାପରିଷଦ ଅଧକ୍ଷ ଜି.ତିରୁପତି ରାଓ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ମୋହନା ପଞ୍ଚାୟତ ସମିତି ଅଧକ୍ଷ ରାଜୀବ ଶବର, ଆର୍.ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ନୂଆଗଡ ବ୍ଲକ ଅଧକ୍ଷା ମାଳତୀ ପ୍ରଧାନ, ରାୟଗଡ଼ ବ୍ଲକ ଅଧକ୍ଷ ପୂର୍ଣ୍ଣବାସୀ ନାୟକ, ଗୋଷାଣି ବ୍ଲକ ଅଧକ୍ଷ ଏନ.ବୀରରାଜୁ, ଗୁମ୍ମା ବ୍ଲକ ଅଧକ୍ଷା ସୁନେମୀ ମଣ୍ଡଳ, କାଶୀନଗର ବ୍ଲକ ଅଧକ୍ଷା ବିସାୟାମ୍ମା, କାଶୀନଗର ବିଜ୍ଞାପିତ ପରିଷଦ ଅଞ୍ଚଳ ପରିଷଦ ଅଧକ୍ଷା ଏମ.ସୁଧାରାଣୀ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରତେକ ଦିନ ଅପେକ୍ଷା ଶନିବାର ଜନ ସମାବେଶ ଢେର ଅଧିକ ଥିଲା।

# ଗଞ୍ଜାମରେ ଧାନ କିଣା ସମସ୍ୟା ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ଧାରଣା


ଧାରଣା ଦେଇଥିବା କିଷାନ ମୋର୍ଚ୍ଚାର ସଦସ୍ୟ।

ଛତ୍ରପୁର,୨୧।୧ (ଡି.ଏନ୍.ଏ. )

ଚଳିତ ବର୍ଷ ଗଞ୍ଜାମ ଜିଲାରେ ଧାନକିଣା ମନ୍ଥର ଗତିରେ ଚାଲୁଥିବାରୁ ଅନେକ ଚାଷୀଙ୍କ ଟୋକେନ ଅବଧି ଶେଷ ହେବାର ସମ୍ଭାବନା ରହିଥିବା ସହ ଚାଷୀ ପଞ୍ଜିକୃତ କରିଥିଲେ ସୁଦ୍ଧା ଧାନ ବିକ୍ରି କରିପାରିବେ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି । ଜିଲାର ଚାଷୀମାନଙ୍କ ଧାନ ବିକ୍ରି ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ୯ ଦଫା ଦାବି ନେଇ ଶନିବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ଯଥା ଶୀଘ୍ର ପୂରଣ ନ ହେଲେ ଆସନ୍ତା ଦିନରେ ରାଜରାସ୍ତା ଅବରୋଧ କରାଯିବାକୁ ମଧ ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ଅଖିଳ ଭାରତ କୃଷକ ସଭାର ଜିଲା ସଭାପତି ଶ୍ରୀହର୍ଷ ରଥ, ଜିଲା ସମ୍ପାଦକ ରାଜୀବ ଲୋଚନ ପଣ୍ଡା, ସିପିଆଇ ଜିଲା ସମ୍ପାଦକ ନୀଳକଣ୍ଠ ଦାଶ, ଏସ. କ୍ରିଷ୍ଣା ରେଡ୍ଡୀ, ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଋଷିକୂଲ୍ୟା ରୟତ ମହାସଭାର ଜିଲା ସମ୍ପାଦକ ସୀମାଞ୍ଚଳ ନାହାକ, ବିଜୟ ସ୍ୱାଇଁ, ଓଡିଶା କୃଷକ ସଭାର ଜିଲା ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ, ଏଆଇକେଏମଏସର ପ୍ରତାପ ନାୟକ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଏଆଇକେକେଏସ ରାଜ୍ୟ ସମ୍ପାଦକ ଶଙ୍କର ସାହୁ, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା, ଅଲ ଇଣ୍ଡିଆ କ୍ଷେତ ମଜଦୁର କିସାନ ସଭା ଆବାହକ ନିରାକାର ନାୟକଙ୍କ ସମେତ ବହୁ ଚାଷୀ ସଂଗଠନର ନେତା ଏବଂ ଚାଷୀମାନେ ଯୋଗଦେଇ ସମସ୍ତ ଚାଷୀଙ୍କ ଧାନ ସଠିକ ସମୟରେ ଜିଲା ପ୍ରଶାସନ ପକ୍ଷରୁ କିଣିବା ନିମନ୍ତେ ଦାବି କରିଥିଲେ ।

# ମାରଦା ମହୋତ୍ସବ କମିଟି ଗଠିତ

### ଫେବୃଆରୀ ୧୦ରୁ ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ ।

ପୋଲସରା,୨୧।୧(ଡି.ଏନ.ଏ.)

ପୋଲସରା ଅଞ୍ଚଳର ଐତିହାସିକ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ସଂସ୍କୃତିକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ପ୍ରସିଦ୍ଧ ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ ଆୟୋଜିତ ହେବ। ଏନେଇ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ନିର୍ବାଚିତ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ନେଇ ମାରଦା ମହୋତ୍ସବ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ତଥା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ବିଡିଓ ଧର୍ମରାଜ୍ ପରିଡ଼ା, ତହସିଲଦାର ଭାସ୍କର କୁମାର ସାହୁ, ବ୍ଲକ ଅଧକ୍ଷ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଉପାଧକ୍ଷ କାହ୍ନୁ ପରିଡ଼ା, ଏନ୍ଏସି ଅଧକ୍ଷା ସଙ୍ଗୀତା ବେହେରା, ଉପାଧକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲା ପରିଷଦ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବିକ୍ରମ କୁମାର ସାହୁ, ସାଂସଦ ପ୍ରତିନିଧି ମୋତିରାମ ସାହୁ ଓ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, କଲେଜ ଅଧକ୍ଷ ଦିବାକର ମିଶ୍ର, ଶିକ୍ଷାବିତ ଭବାନୀ ରଥ ପ୍ରମୁଖ ଯୋଗଦେଇଥିଲେ। ମାରଦା ମହୋତ୍ସବ ପାଇଁ ଏକ ସ୍ଥାୟୀ କମିଟି ଗଠିତ ହୋଇଥିଲା। କମିଟିରେ ସଭାପତି ଭାବେ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ, ଉପସଭାପତି ଭାବେ ଲଳିତ ମୋହନ ରଥ, ସମ୍ପାଦକ ଭାବେ ଶରତ ଚନ୍ଦ୍ର ପଟ୍ଟନାୟକ, ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ମହାପାତ୍ରଙ୍କ ସମେତ ମୋଟ ୫୭ ଜଣିଆ କମିଟି ଗଠିତ ହୋଇଥିଲା। ଫେବୃଆରୀ ୧୦,୧୧ ଓ ୧୨ ତାରିଖ ତିନିଦିନ ଧରି ଆୟୋଜନ ହେବା ନେଇ ନିଷ୍ପତ୍ତି ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପୀତବାସ ପ୍ରଧାନ ସଂଯୋଜନା କରିଥିଲେ। ବହୁ ସଂଖ୍ୟାରେ ଜନପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ ଓ କାଉନସିଲର ଉପସ୍ଥିତ ଥିଲେ।

### ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ରାଶି ପ୍ରଦାନ

ବୁଗୁଡ଼ା,୨୧।୧(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ପୋଙ୍ଗଲଲୁଣ୍ଡି ସରପଞ୍ଚ ସୁଜାତା କୁମାରୀ ପ୍ରଧାନ ଉକ୍ତ ପଞ୍ଚାୟତର ୧୨ ଜଣ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ପ୍ରଦାନ କରିଥିଲେ। ସରପଞ୍ଚ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମର ୫, ରାମଗଡ଼ର ୧ ଓ ପୋଚାଲୁଣ୍ଡି ଗ୍ରାମର ୬ ଜଣ ମୃତକଙ୍କ ପରିବାର ଘରକୁ ଯାଇ ସେମାନଙ୍କୁ ସମବେଦନା ଜଣାଇବା ସହ ପ୍ରତ୍ୟେକ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ୨୦୦୦ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଭଗବାନ୍ ଜେନା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆଇସିଏଆରରେ ସେଞ୍ଚୁରିଆନ ପବ୍ଲିକ ସ୍କୁଲର ସଫଳତା

ପାରଳାଖେମୁଣ୍ଡି, ୨୧।୧ (ଡି.ଏନ୍.ଏ): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଇଶ୍ରିତା ମିଶ୍ର ଆଇସିଏଆର୍ (ଇଣ୍ଡିଆନ କାଉନସିଲ ଅଫ ଏଗ୍ରିକଲ୍ଚର ରିସର୍ଚ୍)ରେ ଅଭୂତପୂର୍ବ ସଫଳତା ହାସଲ କରିଥିବାର ଜଣାପଡିଛି । ଇଶ୍ରିତା ୯୯.୯୫ପ୍ରତିଶତ ରଖି ସାରା ଭାରତବର୍ଷରେ ର୍ୟାଙ୍କ ୩୦ରେ ରହିଛନ୍ତି । ଇଶ୍ରିତା ମିଶ୍ର ପୂର୍ବରୁ ମଧ ସିବିଏସଇରେ ୯୩.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ରଖିଥିଲେ। ସେ ପାରଳାଖେମୁଣ୍ଡି ସହରର ଭବାନୀ ଟକିଜ ସାହିସ୍ଥିତ ଶିବପ୍ରସାଦ ମିଶ୍ର ଏବଂ ଅନ୍ନପୂର୍ଣ୍ଣା ମିଶ୍ରଙ୍କ କନ୍ୟା। ତାଙ୍କର ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ.ରାଓ, ପବ୍ଲିକ ସ୍କୁଲର ଅଧକ୍ଷା ସୁନୀତା ପାଣିଗ୍ରାହୀ, ଆଞ୍ଚଳିକ ନିର୍ଦ୍ଦେଶକ ସସ୍ମିତ ପାତ୍ର, ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ କର୍ମଚାରୀବୃନ୍ଦ ଅଭିନନ୍ଦନ ଜଣାଇଛନ୍ତି ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଗଞ୍ଜାମ,୨୧।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ସହିଦ ଭଗତ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ଦିବାକର ସ୍ୱାଇଁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ସୌମ୍ୟକାନ୍ତ ମହାପାତ୍ର ଯୋଗଦେଇ ଥିବା ବେଳେ ପ୍ରଶିକ୍ଷଣ ମୁଖ୍ୟ ସଂଯୋଜିକା ତଥା ଭଗତସିଂ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା ମୀନତି ପଟ୍ଟନାୟକ ଓ ମାଷ୍ଟରଟ୍ରେନର ମନସ୍ମିତା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଓଡ଼ିଆ ଅଧାପକ ଗୌରୀ ଶଙ୍କର ଶତପଥୀଙ୍କ ସମେତ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଆତ୍ମା ଅଧକ୍ଷ ହେଲେ ସୂର୍ଯ୍ୟ ନାରାୟଣ


ନବନିର୍ବାଚିତ ଆତ୍ମା ଅଧକ୍ଷଙ୍କ ସମେତ ବିଧାୟିକାଙ୍କ ପ୍ରତିନିଧି ଓ ସଦସ୍ୟମାନେ ।

ପୁରୁଷୋତ୍ତମପୁର,୨୧।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଆତ୍ମା ଅଧକ୍ଷ ପଦବୀ ଲାଗି ନିର୍ବାଚନ ଶନିବାର କୃଷି ବିଭାଗୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଭାବେ ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ସମୁଦାୟ ୨୦ ସଦସ୍ୟଙ୍କ ମଧରୁ ୧୭ ଜଣ ଉପସ୍ଥିତ ଥିବା ବେଳେ ସୂର୍ଯ୍ୟ ନାରାୟଣ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ଫଳରେ ନିର୍ବାଚନ ଅଧିକାରୀ ଅଧକ୍ଷ ଭାବେ ଘୋଷଣା କରିଥିଲେ। ଏହି ବ୍ଲକଟି ଦୁଇଟି ନିର୍ବାଚନ ମଣ୍ଡଳୀରେ ରହିଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ସହମତିରେ ବିଜୁ ଜନତା ଦଳର ସମର୍ଥନରେ ସୂର୍ଯ୍ୟ ନାରାୟଣ ପଣ୍ଡା ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ବ୍ଲକ କୃଷି ଅଧିକାରୀ ଡ.ପ୍ରମୋଦ କୁମାର ମହାପାତ୍ର, ସହକାରୀ କୃଷି ଅଧିକାରୀ ଦେବାଶିଷ ବିନ୍ଧାଣୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ଶତପଥୀ, ମତ୍ସ୍ୟ ବିଭାଗ ଅଧିକାରୀ ଫ୍ଲୋରା ମହାନ୍ତିଙ୍କ ସମେତ ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ।

# ଜନରାଜ୍ୟ ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଛତ୍ରପୁର, ୨୧।୧(ଡି.ଏନ୍.ଏ):

ଚଳିତ ବର୍ଷର ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହା ବିଦ୍ୟାଳୟସ୍ତରରେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବିଚାରକ ଭାବେ ଡଃ ମିଲିମିତା ପାଢୀ, ଅଧାପକ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, କବିତା ସାହୁ, ଅଧାପିକା ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ, ଏମ. ଶ୍ରାବନ୍ତୀ ରାଜସ୍ୱ ସହାୟିକା ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାର ବିଚାରକ ଭାବେ ପ୍ରମୋଦ କୁମାର ବେହେରା,ସହକାରୀ ଜିଲାପାଳ,ରବୀନ୍ଦ୍ର କୁମାର ପଣ୍ଡା,ସାମ୍ବାଦିକ ଏବଂ ସନ୍ତୋଷ କୁମାର ପାଢୀ ସାମ୍ବାଦିକ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

# ଆବାସ ଯୋଜନାରୁ ଅନିୟମିତତା ଅଭିଯୋଗରେ ବିକ୍ଷୋଭ



ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଲୋକେ ବିକ୍ଷୋଭ କରୁଛନ୍ତି।

ଦାରିଙ୍ଗବାଡ଼ି, ୨୧।୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବାମୁଣୀଗାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୭ ଜଣ ଯୋଗ୍ୟ ହିତାଧିକାରୀ ସମ୍ଭାବ୍ୟ ତାଲିକାରୁ ବାଦ ପଡିଛନ୍ତି। ଏଥିପାଇଁ ଅଞ୍ଚଳବାସୀ ଏହାର ତଦନ୍ତ ସହ ପୁନର୍ବିଚାର କରାଯାଇ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ଗୃହ ଯୋଗାଇଦେବାକୁ ଦାବି କରି ବିକ୍ଷୋଭ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ କରିବା ସହ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ବାମୁଣୀଗାଁ ପଞ୍ଚାୟତ ଅଞ୍ଚଳ ପରିକ୍ରମା କରି ଧାରଣା ଦେଇଛନ୍ତି। ଆନ୍ଦୋଳନରେ ସରପଞ୍ଚ ସଂଯୁକ୍ତା ମଲିକଙ୍କ ସମେତ ପୂର୍ବତନ ବ୍ଲକ ଉପାଧକ୍ଷ ରମାକାନ୍ତ ବଲିୟାର ସିଂ ସାମିଲ ହୋଇଛନ୍ତି। ତାଲିକାରୁ ବାଦ ପଡିଥିବା ହିତାଧିକାରୀଙ୍କୁ ଶୀଘ୍ର ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ରାଜ୍ୟ ମାନବାଧିକାର ଜିଲା ଯୁଗ୍ମ ଆବାହକ ବିକ୍ରମ ବାସ୍ତରାୟ ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି।

# ଛତୁ ଚାଷ ଦେଇଛି ନୂଆ ପରିଚୟ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୧।୧

ଗ୍ରାମାଞ୍ଚଳରେ ଅନେକ ସ୍ୱୟଂ ସହାୟିକା ଗୋଷ୍ଠି ଅଛନ୍ତି । ହେଲେ ସେମାନଙ୍କ ମଧରୁ ଅଳ୍ପ କେତେକ ନିଜ ଅଞ୍ଚଳରେ ନାଁ କମେଇବା ସହ ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାରିଛନ୍ତି। କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ମା'ବାଞ୍ଜିମାହା ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁ ଚାଷ କରି ସୁନାମ ଅର୍ଜନ କରିଛନ୍ତି। ଖାଲି ଏତିକି ନୁହେଁ, ସେମାନେ ଆର୍ଥିକ ସ୍ୱଚ୍ଛଳ ହେବା ସହ ପରିବାରର ଉନ୍ନତିରେ ସହାୟତା ମଧ କରୁଛନ୍ତି।

ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ମାସିରିପଡା ଗାଁ ର ମା' ବାଞ୍ଜିମାହା ସ୍ୱୟଂ ସହାୟିକା ଗୋଷ୍ଠୀ ୧୧ ଜଣ ସଭ୍ୟାଙ୍କୁ ନେଇ ଗଠିତ । ପୂର୍ବରୁ ପରିବା ଚାଷ କରୁଥିଲେ। ଏଥିରେ ମଧ ଭଲ ରୋଜଗାର ହେଉଥିଲା। ଅଦିନିଆ ବର୍ଷା ସାଙ୍ଗକୁ ଝଡ଼ ଯୋଗୁ ଅନେକ ସମୟରେ ପରିବା ଫସଲ ନଷ୍ଟ ହେଲା ।


ଛତୁଚାଷ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା।

କିଛି ନୂଆ କରିବା ପାଇଁ ସେମାନେ ଚିନ୍ତା କରିଥିଲେ। ଛତୁ ଚାଷ କରି ଆତ୍ମନିର୍ଭରଶୀଳ ହେବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। ଏହାପରେ ଆରମ୍ଭ ହେଲା ଉଦ୍ୟମ । ଗୋଷ୍ଠୀର ମହିଳାମାନେ ଗୋଟିଏ କୁଡିଆ ଘର ତିଆରି କଲେ। ମାସିକ ଜମା କରୁଥିବା ସଭ୍ୟା ଚାନ୍ଦାରୁ କିଛି ଧରି ଭୁବନେଶ୍ୱରରୁ ଛତୁ ମଞ୍ଜି ଆଣି ଚାଷ ଆରମ୍ଭ କଲେ। ଭଲ ଛତୁ ହେଲା। ଆଖପାଖ ଅଞ୍ଚଳର ଲୋକେ ବଜାର ନ ଯାଇ ଘର ପାଖରେ ଛତୁ ପାଇଲେ। ଧୀରେ ଧୀରେ ସେମାନଙ୍କ ବିଷୟରେ ପ୍ରଚାରିତ ହେବା ପରେ ଏବେ ଲୋକଙ୍କ ଚାହିଦା ଅନୁସାରେ ସେମାନେ ଛତୁ ଉତ୍ପାଦନ କରି ପାରୁନାହାନ୍ତି। ଅଧିକ ଛତୁ ଚାଷ କରିବା ପାଇଁ ଆମର ଇଚ୍ଛା ଅଛି। ସରକାର ତାଲିମ ବ୍ୟବସ୍ଥା କଲେ ଆମେ ବହୁତ୍ ମାତ୍ରାରେ ଚାଷ କରି ଲୋକଙ୍କ ଚାହିଦା ପୂରଣ କରିପାରନ୍ତୁ। ଖାଲି ଏତିକି ନୁହେଁ ସମଗ୍ର କନ୍ଧମାଳ ଜିଲାକୁ ଛତୁ ଯୋଗାଇ ପାରନ୍ତୁ। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଆମ୍ଭମାନଙ୍କ ରୋଜଗାର ବଢ଼ିବା ସହ ପରିବାରର ଉନ୍ନତି ହୁଅନ୍ତା ବୋଲି ସ୍ୱୟଂ ସହାୟିକା ଗୋଷ୍ଠି ସଭାପତି ସନୋଦେବି ମଲ୍ଲିକ, ସମ୍ପାଦିକା ଭାନୁମତୀ ମଲ୍ଲିକ, ସଭ୍ୟା ରଶ୍ମିତା ମଲ୍ଲିକ, କୁନି ମଲ୍ଲିକ, ଇନ୍ଦ୍ରା ମଲ୍ଲିକ, ଜିରା ମଲ୍ଲିକ, ଉର୍ବସି ମଲ୍ଲିକ, ମିଲି ମଲ୍ଲିକ, ସମିତି ମଲ୍ଲିକ, ସିହ୍ନି ମଲ୍ଲିକ ଓ ସମ୍ପତି ମଲ୍ଲିକ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୨ ଜାନୁୟାରୀ, ୨୦୨୩



## କୋରିୟରରେ ଗଞ୍ଜେଇ ଚାଲାଣ

**ବ୍ରହ୍ମପୁର ଅଫିସ:** ବ୍ରହ୍ମପୁରରୁ କୋରିୟରରେ କାନପୁର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ନାର୍କୋଟିକ୍ ଟିମ୍ ଶନିବାର ବ୍ରହ୍ମପୁରରେ ପହଞ୍ଚିଥିଲା। ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡ଼ାରେ ଥିବା ଏକ କୋରିୟର ଅଫିସରେ ଚଢ଼ାଉ କରିଥିଲେ। ପାର୍ସଲରେ ଗଞ୍ଜେଇ ଚାଲାଣ କରୁଥିବା ବାଳକୃଷ୍ଣ ମିଶ୍ରଙ୍କୁ ଉକ୍ତ ଟିମ୍ ଗିରଫ କରିଛି। ଶନିବାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଓଡିଶା ଚିତ୍ରାଳୟ ମାଲିକ ସଂଘ ବାର୍ଷିକୋତ୍ସବ । ସ୍ଥାନ-ଗୋପାଳକୃଷ୍ଣ ରଙ୍ଗମଞ୍ଚ। ସମୟ-ଅପରାହ୍ଣ ୧ଟା।
- ନୂତନ ବ୍ୟାଡମିଣ୍ଟନ କୋର୍ଟ ଉଦ୍‌ଘାଟନ। ସ୍ଥାନ-ଅନ୍ଧପସରା ରୋଡ। ସମୟ-ପୂର୍ବାହ୍ଣ ୧୦ଟା।
- ଜାତୀୟ ପାଠଚକ୍ର । ସ୍ଥାନ-ସିଟି କଲେଜ। ସମୟ- ପୂର୍ବାହ୍ଣ ୧୦ଟା ୩୦।
- ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ। ସ୍ଥାନ-ଗଜପତି ନଗର। ସମୟ-ସନ୍ଧ୍ୟା ୫ଟା।

# ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଅବ୍ୟବସ୍ଥା ଦେଖି ବିରକ୍ତି ପ୍ରକାଶ

## ଏମ୍‌କେସିଜି ପରିଦର୍ଶନରେ ହାଇକୋର୍ଟ ଟିମ୍

**ବ୍ରହ୍ମପୁର ଅଫିସ,୨୧।୧**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲର ଅବ୍ୟବସ୍ଥାକୁ ନେଇ ପ୍ରତିଦିନ କିଛିନା କିଛି ଘଟଣା ଚର୍ଚ୍ଚାର ପରିସରକୁ ଆସୁଥିବା ବେଳେ ମେଡିକାଲ ପରିସରରେ ଥିବା ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ବିବାଦ ଉଠିଛି। ଏହାକୁ ନେଇ ହାଇକୋର୍ଟରେ କଟକର ମୈତ୍ରୀ ସଂସଦ ପକ୍ଷରୁ ହୋଇଥିବା ପିଟିଶନ୍‌କୁ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଦୁଇଜଣିଆ ଟିମ୍ ଏମ୍‌କେସିଜିର ଜୈବ ବର୍ଜ୍ୟବସ୍ତୁ ପ୍ରକଳ୍ପ ଅନୁଧ୍ୟାନ ପାଇଁ ଆସିଛନ୍ତି। ଉକ୍ତ ଦୁଇଜଣିଆ ଟିମ୍‌ରେ ଉକ୍ତ ସଂସଦ ସଭାପତି ଆଇନଜୀବୀ ଅଜୟ ମହାନ୍ତି ଓ ସମ୍ପାଦକ ଆଇନଜୀବୀ ସୁରଜିତ ନାଥ ରହିଛନ୍ତି। ସେମାନେ ଶନିବାର ଏମ୍‌କେସିଜି ମେଡିକାଲରେ ପହଞ୍ଚି ଅଧୀକ୍ଷକ ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର, ରେଜିଷ୍ଟ୍ରାର ରାଜେନ୍ଦ୍ର ମିଞ୍ଜି ଏବଂ ଅନ୍ୟମାନଙ୍କୁ ଭେଟିଥିଲେ। ସେଠାରେ ମେଡିକାଲ ପରିସରରେ ଥିବା ଜୈବ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ହୋଇଥିବା ପିଟିଶନର ବିଭିନ୍ନ ପ୍ରଶ୍ନ ଉପରେ ଆଲୋଚନା କରିଥିଲେ। ମୁଖ୍ୟତଃ


ହାଇକୋର୍ଟ ଟିମ୍‌ର ଏମକେସିଜି ପରିଦର୍ଶନ।

ଜୈବ ବର୍ଜ୍ୟବସ୍ତୁ ପ୍ରକଳ୍ପ କିପରି ପରିଚାଳନା କରାଯାଉଛି, ଅତ୍ୟାଧୁନିକ ଇନ୍ସିନେରେଟର ମେଶିନ୍ ଲାଗିଛି କି ନାହିଁ, ଉକ୍ତ ମେଶିନର ଅପରେଟରଙ୍କ ଶିକ୍ଷାଗତ ଯୋଗ୍ୟତା କ'ଣ, ପରିଚାଳନା କରୁଥିବା ସଂସ୍ଥାର ନାମ କ'ଣ ଏହିପରି ୧୫ଟି ବିଷୟକୁ ନେଇ ଅଧୀକ୍ଷକ ଓ ହସ୍ପିଟାଲ୍ ମ୍ୟାନେଜରଙ୍କ ସହ ଆଲୋଚନା କରିଥିଲେ।

ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପଟି ଜନବସତିଠାରୁ କେତେ ଦୂରରେ ରହିଛି ଏବଂ ପ୍ରକଳ୍ପରୁ ନିର୍ଗତ ଧୂଆଁ ବାହାରୁଥିବା ଚିମିନିର ଉଚ୍ଚତା ଓ ପରିମାଣ ସହ ମାନକୁ ନେଇ ଉକ୍ତ ଟିମ୍ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଲାଗିଥିବା ପୁରୁଣା ଇନ୍ସିନେରେଟର କାର୍ଯ୍ୟ ଆରମ୍ଭରୁ କେତେଥର ଖରାପ ହୋଇଛି ଏବଂ କେତେଥର ତାହାର ମରାମତି ହୋଇଛି, ତାହାକୁ ନେଇ ଖୋଳତାଡ଼ କରିବା ସହ ତାହାର କାଗଜପତ୍ର ଯାଞ୍ଚ କରିଥିଲେ। ଆଲୋଚନା ପରେ ଟିମ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଜୈବ ବର୍ଜ୍ୟବସ୍ତୁ ପ୍ରକଳ୍ପ ପରିଦର୍ଶନ କରିଥିବା ବେଳେ ଦୀର୍ଘ ୧୫ ବର୍ଷର ପୁରୁଣା ଇନ୍ସିନେରେଟର ଦେଖି ବିରକ୍ତି ପ୍ରକାଶ କରିଥିଲେ। ୨୦୧୬ ଜାତୀୟ ପ୍ରଦୂଷଣ ବୋର୍ଡ ନିୟମକୁ ଉଲ୍ଲଂଘନ କରାଯାଇଛି ବୋଲି ସଂଘ ସଭାପତି ଆଇନଜୀବୀ ମହାନ୍ତି କହିଛନ୍ତି। ଉକ୍ତ ମେଶିନ୍ ଅପରେଟର ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ଜଣକ ୧୦ମ ପାସ୍ କରିଥିବା ବେଳେ କିଭଳି ଠିକ୍ ଭାବେ ପରିଚାଳନା କରୁଛନ୍ତି ତାହା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ସେ କେଉଁଠାରେ ତାଲିମ ନେଇଥିଲେ ତାହା ଉପରେ ପ୍ରଶ୍ନ କରିଥିଲେ। ନିୟମ ଅନୁଯାୟୀ ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରଟି ଜନବସତି ଅଞ୍ଚଳରୁ ଅତିକମ୍‌ରେ ୫୦୦ ମିଟର ଦୂରରେ ରହିବା ଆବଶ୍ୟକତା ଥିବା ବେଳେ ଏହାର ଦୂରତା କେତେ ରହିଛି, ତାହାକୁ ନେଇ ପ୍ରଶ୍ନ କରିବା ସହ ହସ୍ପିଟାଲ୍ ମ୍ୟାନେଜରଙ୍କ ଉପରେ ବର୍ଷିଥିଲେ ଟିମ୍। ହାଇକୋର୍ଟ ଟିମ୍ କରିଥିବା ସମସ୍ତ ପ୍ରଶ୍ନର ଉତ୍ତର କର୍ତ୍ତୃପକ୍ଷ ରଖିଥିବା ନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ମିଶ୍ର ସୂଚନା ଦେଇଛନ୍ତି।

ଉକ୍ତ ଦୁଇଜଣିଆ ଟିମ୍ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବରୁ କଟକ ଓ ବୁର୍ଲା ମେଡିକାଲ କଲେଜ ପରିଦର୍ଶନ କରି ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରର ପରିଚାଳନା ବ୍ୟବସ୍ଥା ସମ୍ପର୍କିତ ସମସ୍ତ କାଗଜପତ୍ର ସେଠାରୁ ଆଣିଥିବା ସୂଚନା ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ସାଇ


@ ପ୍ରିୟା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମଡେଲଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୧।୧:** ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ଦ୍ୱିତୀୟ ଲାଇନ୍‌ରେ ରହୁଥିବା ଜଣେ ମଡେଲ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅର୍ଚ୍ଚିତା ମହାପାତ୍ର(୧୭)। ସେ ଯୁକ୍ତ ୨ ଛାତ୍ରୀ ଥିଲେ। ପୋଲିସ ତାଙ୍କ ମୃତଦେହ ବଡ଼ ମେଡିକାଲରୁ ଶନିବାର ଜବତ କରିଛି। ଏ ସଂକ୍ରାନ୍ତରେ ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବାପାଙ୍କ ମୃତ୍ୟୁ ପରେ ଅର୍ଚ୍ଚିତା ପାଠ ପଢ଼ିବା ସହ ମଡେଲିଂ କରୁଥିଲେ। ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି। ପ୍ରକାଶ ଯେ, ଅର୍ଚ୍ଚିତା ତାଙ୍କ ମା'ଙ୍କ ସହ ଉକ୍ତ ଘରେ ରହୁଥିଲେ। ସ୍ୱାମୀ ମରିଯିବା ପରେ ଘର ଚଳାଇବା ପାଇଁ ମାଙ୍କ ପକ୍ଷେ ସମସ୍ୟା ହେଉଥିଲା। ଅନ୍ୟପକ୍ଷେ ଝିଅ ମଡେଲ ଭାବେ କାମ କରିବାକୁ ମନସ୍ଥ କରିଥିଲେ, କିନ୍ତୁ ମା' ଝିଅକୁ ସେଥିରୁ ନିବୃତ୍ତ ରହିବାକୁ ବାଧ କରୁଥିଲେ। ହେଲେ ସେ ଜଣେ ଭଲ ମଡେଲର ହେବାର ସ୍ୱପ୍ନ ଦେଖୁଥିଲେ, ଯାହାକୁ ନେଇ ଉଭୟ ମା' ଓ ଝିଅଙ୍କ ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଶୁକ୍ରବାର ରାତିରେ ଅର୍ଚ୍ଚିତା ବେଡ୍‌ରୁମରେ ଥିବା ବେଳେ ମା' ଖାଇବା ପାଇଁ ଡାକିଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଶୁଣିବାରୁ ମା' ରୁମ ଖୋଲି ଭିତରକୁ ଯାଇଥିଲେ। ଅର୍ଚ୍ଚିତା ବେକରେ ଚୁନେରୀ ଲଗାଇ ଝୁଲୁଥିବା ସେ ଦେଖିବାକୁ ପାଇଥିଲେ। ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ନାବାଳିକା ଗଣବଳାତ୍କାର ମାମଲା,୨ ଗିରଫ

**ଭଞ୍ଜନଗର, ୨୧।୧(ଡି.ଏନ୍.ଏ):** ଭଞ୍ଜନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ହୋଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଭଞ୍ଜନଗର ପୋଲିସ ନଂ.୫୬/୨୩ରେ ମାମଲା ରୁଜୁ କରି ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କୁଶପଲ୍ଲୀର କନ୍ଧ ଗୌଡ (୨୨) ଓ ପୂର୍ଣ୍ଣ ସ୍ୱାଇଁ (୨୮)। ଅଭିଯୁକ୍ତଦ୍ୱୟଙ୍କୁ ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ ଯେ, ନାବାଳିକା ଜଣଙ୍କ ନିଜ ବଡ ମା' ଘରେ ଥିବା ବେଳେ ଗୁରୁବାର ଅପରାହ୍ଣରେ ଧାନଗଦାରେ ପଲିଥିନ ଘୋଡ଼ାଇବା ପାଇଁ ଖଳାକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତଦ୍ୱୟ ନାବାଳିକାଙ୍କୁ ବଳାତ୍କାର କରିଥିବା ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ।

# କଳାବ୍ୟାଜ୍ ପିନ୍ଧି ଅଧ୍ୟାପକଙ୍କ ପ୍ରତିବାଦ



କଳାବ୍ୟାଜ୍ ପିନ୍ଧି ଅଧ୍ୟାପକଙ୍କ ପ୍ରତିବାଦ ।

**ପୋଲସରା,୨୧।୧(ଡି.ଏନ.ଏ.)**

## ସରକାରଙ୍କ ପାତରଅନ୍ତର ନୀତିକୁ ବିରୋଧ

ନିଖିଳ ଓଡ଼ିଶା ୬୬୨ ଯୁକ୍ତ୨ ଓ ୩ ବର୍ଗ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ରାଜ୍ୟ ସଙ୍ଗଠନର ନିର୍ଦ୍ଦେଶ ଅନୁସାରେ ସମାନ କାମକୁ ସମାନ ଦରମା ପ୍ରଦାନ ଓ ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ ଦାବିକୁ ନେଇ ପ୍ରତିବାଦର ସ୍ୱର ଶାଣିତ ହୋଇଥିଲା। ଏନେଇ ଶନିବାର ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ପାତରଅନ୍ତର ନୀତିକୁ ବିରୋଧକରି ସମୂହ ଅଧ୍ୟାପକ ଓ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଥିଲେ। ସରକାରଙ୍କ ଏଭଳି ଟାଳଟୁଳ ନୀତିକୁ ବିରୋଧ କରି ଜିଲା ସମ୍ପାଦକ ଶିଶିରକାନ୍ତ ବିଷୋୟୀଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଏକାଠି ହୋଇଥିଲେ। ୨୦୨୨ ଜାନୁୟାରୀରୁ ଉଭୟ ୪୮୮ ଓ ୬୬୨ କଲେଜ ସଙ୍ଗଠନର ଅଧ୍ୟାପକ ଓ କର୍ମଚାରୀମାନେ ସମାନ କାମକୁ ସମାନ ଦରମା ପାଇ ଆସୁଥିଲେ। ଚଳିତ ବର୍ଷ ଏହାର ସଂଶୋଧନ କରାଯାଇ ପୁଣି ଏକ ନୂଆ ନିୟମ ଲାଗୁ କରାଯାଇଛି। ଫଳରେ ଗୋଟିଏ ଗୋଷ୍ଠୀର ଅଧ୍ୟାପକ ଓ କର୍ମଚାରୀମାନେ ୬୬୨ ବର୍ଗ କଲେଜ ସଙ୍ଗଠନକୁ ଅବହେଳା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସାରା ରାଜ୍ୟରେ ୬୬୨କଲେଜ ସଙ୍ଗଠନ ବିରୋଧ ଦିବସ ପାଳନ କରୁଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ପ୍ରଶାସନିକସ୍ତରରେ ନିଆଯାଇଥିବା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି । ଅଧ୍ୟାପକ ମନୋଜ କୁମାର ପାଢ଼ୀ, ଡକ୍ଟର ରଞ୍ଜିତା କୁମାରୀ ମିଶ୍ର, ଧନିତ୍ରୀ ନାୟକ, ଭାସ୍କର ସାହୁ, ମିନାକ୍ଷୀ ସାହୁ, ସନ୍ଧ୍ୟା କୁମାରୀ ନାୟକ, ଜଗନ୍ନାଥ ସୁଆର ଓ ସୁଦାମ ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ଥିଲେ।

## ମଦ ଜବତ, ୩ ଗିରଫ

**ବ୍ରହ୍ମପୁର ଅଫିସ,୨୧।୧**

ଅବକାରୀ ଗୋଇନ୍ଦା ପୋଲିସ ଶନିବାର ସକାଳେ ଚାଲାଣ ହେଉଥିବା ଦେଶୀ ମଦ ଜବତ କରିଛି। କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବିକାଶପୁର ଛକରୁ ପୃଥକ ଭାବେ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ସହ ୩ଟି ବାଇକ ଜବତ କରିଛି। ସେମାନେ ହେଲେ ବିକାଶପୁର ଗ୍ରାମର ଉମେଶ ମଲିକ (୧୮), ବାଘଝରିର ସନ୍ତୋଷ ଗୌଡ଼(୩୦) ଓ ବିକାଶପୁରର ତ୍ରିନାଥ ମାଲିକ (୪୨)। ଖବର ପାଇ ଅବକାରୀ ଗୋଇନ୍ଦା ଓ ତାଙ୍କ ଟିମ୍ ବିକାଶପୁର ନିକଟରେ ଗାଡି ଯାଞ୍ଚ କରୁଥିଲେ। ଯାଞ୍ଚ ବେଳେ ବାଇକ୍‌ରେ ଦେଶୀ ମଦ ରହିଥିବା ଜଣାପଡିଥିଲା। ସେମାନଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

## ଆୟୁର୍ବେଦ ଡାକ୍ତରଙ୍କ ପରଲୋକ



**ବୁଗୁଡ଼ା, ୨୧।୧ (ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କଲୋନୀ ନିବାସୀ ଆୟୁର୍ବେଦ ଡାକ୍ତର ଅନ୍ତର୍ଯ୍ୟାମୀ ଦାଶ (୮୪)ଙ୍କର ଶନିବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଶୁକ୍ରବାର ରାତିରେ ତାଙ୍କର ଦେହାନ୍ତ ହୋଇଥିଲା। ସେ ଆଙ୍କୁଶପୁର ସ୍ଥିତ ଆୟୁର୍ବେଦ ମେଡିକାଲରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ଶଯ୍ୟା ନିକଟରେ ପୁଅ, ବୋହୁ, ନାତି ନାତୁଣୀ ଉପସ୍ଥିତ ରହିଥିଲେ। ସେ ଜଣେ କର୍ମକାଣ୍ଡବିତ୍ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲାସ୍ତରୀୟ ମେଗା ନିଯୁକ୍ତିମେଳା



ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ଚିକିଟି,୨୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟିଗଡ଼ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଶନିବାର ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଓ ନଗରଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ମେଳାରେ ୨୮ ବେସରକାରୀ ଓ ସରକାରୀ ସଂସ୍ଥା ଅଂଶ ଗ୍ରହଣ କରିଥିଲେ। ଜିଲାର ବିଭିନ୍ନ ବ୍ଲକ, ଗ୍ରାମାଞ୍ଚଳରୁ ୧୦୭୫ଜଣ ପୁରୁଷ ଓ ୭୫୬ଜଣ ମହିଳା ନିଯୁକ୍ତି ନିମନ୍ତେ ପଞ୍ଜୀକରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜ ଆସିଷ୍ଟାଣ୍ଟ ରିଜିଓନାଲ ଡାଇରେକ୍ଟର ସାଉଥ ଜୋନର ଆର.ଏମ୍. ଖୁଲନା, ଜିଲା ନିୟୋଜନ ଅଧିକାରୀ ପି.ଏସ. ନାୟକ, ବିଡିଓ ହଳଧର ଶବର, ତହସିଲଦାର ବିଶ୍ୱରଞ୍ଜନ କହଁର, ବ୍ଲକ ଅଧ୍ୟକ୍ଷ ଆପନା ସେଠୀ, ଏନ୍ଏସି ଅଧ୍ୟକ୍ଷା ଦୀପା ସାହୁ, ଉଦୟ ପ୍ରଧାନ ଯୋଗ ଦେଇ ଆୟୋଜିତ ମେଳାରେ ଯୋଗ ଦେଇଥିବା ଆଶାୟୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମକର୍ତ୍ତା ଯୋଗଦେଇ ପରିଚାଳନା କରିଥିଲେ।

# ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସ୍ୱାମୀ କୋର୍ଟଚାଲାଣ

**ଗୋପାଳପୁର,୨୧।୧(ଡି.ଏନ.ଏ.)**

ସ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଧମକ ଚମକ ଦେବା ସହ ମରଣାନ୍ତକ ଆକ୍ରମଣ ଘଟଣାରେ ଗୋପାଳପୁର ଥାନା ପୋଲିସ ଶନିବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କମଳାପୁର ଗ୍ରାମର ଗଜେନ୍ଦ୍ର ସାସମଲ (୩୩)। ଖବର ଅନୁସାରେ ଏହି ଥାନା ଅନ୍ତର୍ଗତ କମଳାପୁର ଗ୍ରାମର ଗଜେନ୍ଦ୍ରଙ୍କ ସହିତ ରିଙ୍କି ସାସମଲଙ୍କର ଗତ ୭ ବର୍ଷ ତଳେ ବିବାହ ହୋଇଥିଲା। କିଛି ବର୍ଷ ପରେ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା ଓ ଗଜେନ୍ଦ୍ର କୌଣସି କାରଣକୁ ନେଇ ରିଙ୍କିକୁ ମାରପିଟ କରୁଥିଲେ। ଶୁକ୍ରବାର ଋଣ କରିବା ପାଇଁ ରିଙ୍କିକୁ କହିଥିଲେ। ରିଙ୍କି ଏହାକୁ ମନା କରିବାରୁ ସେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ କରି ଏକ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ରିଙ୍କି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ ୧୪/୨୩ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗଜେନ୍ଦ୍ର ଶନିବାର ଗ୍ରାମରେ ଥିବା ବେଳେ ପୋଲିସ ଚଢ଼ାଉକରି କାବୁ କରିବା ସହ ଅପରାହ୍ଣରେ ଗିରଫ କରି କୋର୍ଟ ଚାଲଣ କରାଯାଇଥିଲା।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

## ଯୌତୁକ ନିର୍ଯାତନା ମାମଲା

**ବ୍ରହ୍ମପୁର ଅଫିସ,୨୧।୧**

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫସି) ଶିବାନୀ ମିଶ୍ର ଏକ ଯୌତୁକ ନିର୍ଯାତନା ମାମଲାର ରାୟ ୨୧ ବର୍ଷ ପରେ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ଗଜପତିନଗରର ତାରିଣୀ ପ୍ରସାଦ ରଥଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୦୧ରେ ତାରିଣୀ ରଥ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ମାଗୁରାପୁଞ୍ଜି ଗ୍ରାମର ପୂର୍ଣବାସୀ ରଥଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ କିଛିଦିନ ଅଧିକ ଯୌତୁକ ଦାବୀ କରି ପୂର୍ଣ୍ଣବାସୀଙ୍କୁ ତାଙ୍କ ଶଶୁର ଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ପରେ ଏନେଇ ଆପୋଷ ବୁଝାମଣା ପାଇଁ ଉଦ୍ୟମ ହୋଇଥିଲା। ଏହାସତ୍ତ୍ୱେ ପୂର୍ଣ୍ଣବାସୀଙ୍କୁ ତାଙ୍କ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ପରେ ମହିଳା ଜଣଙ୍କ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୬/୧ରେ ତାରିଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ ପାଇଥିଲେ।

ଉକ୍ତ ମାମଲାର ବିଚାର ଦୀର୍ଘବର୍ଷ ଧରି ଚାଲିଥିଲା। ଶେଷରେ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜେଏମ୍ଏଫସି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଦେବେନ୍ଦ୍ରନାଥ ନାହାକ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ରବୀନ୍ଦ୍ର ନାଥ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ଭିତରେ ସଂଗ୍ରହ, ବାହାରେ କୁଢ଼ କୁଢ଼ ଆବର୍ଜନା

**ବ୍ରହ୍ମପୁର ଅଫିସ,୨୧।୧**

ବ୍ରହ୍ମପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ଗତ ବର୍ଷ ବିଇଏମ୍‌ସି ସ୍ୱଚ୍ଛ ସର୍ବେକ୍ଷଣରେ ୪ ର୍ଥ ସ୍ଥାନ ହାସଲ କରିଛି। ପୂର୍ବରୁ ବିଇଏମ୍‌ସି ସ୍ୱଚ୍ଛ ସର୍ବେକ୍ଷଣରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସିଟିଜେନ ଭଏସ ସଂଖ୍ୟା ହ୍ରାସ ପାଇବାରୁ ଗତ ବର୍ଷ ର୍‍ୟାଙ୍କ ହ୍ରାସ ପାଇଥିବା ବିଇଏମ୍‌ସି ପକ୍ଷରୁ କୁହାଯାଏ।

କିନ୍ତୁ କେତେକ କ୍ଷେତ୍ରରେ ବିଇଏମ୍‌ସିର ଖାମ ଖିଆଲି ନୀତିରୁ ସହରବାସୀ ନାନା ହଇରାଣ ହେଉଛନ୍ତି। ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଏଭଳି ଭାବେ ସହରର ୮ ନମ୍ବର ୱାର୍ଡରେ ଥିବା ଆବର୍ଜନା ସଂଗ୍ରହ ପଏଣ୍ଟ୍ ଅର୍ଥାତ ଟ୍ରାନ୍ସପ୍ରୋଟେଶନ ପଏଣ୍ଟ୍ ରହିଛି। ଏହି ପଏଣ୍ଟକୁ ଆଖପାଖ ଅଞ୍ଚଳର ଆର୍ବଜନା ସଂଗ୍ରହ କରାଯାଇ କଣ୍ଟେନର ମଧ୍ୟରେ ପକାଯାଇଥାଏ। ପରେ ଏହାକୁ ଟ୍ରକ ମାଧ୍ୟମରେ ମହୁଡା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ପଠାଯାଇଥାଏ। କିନ୍ତୁ ବର୍ତ୍ତମାନ ଏହି ଆବର୍ଜନା ସଂଗ୍ରହ ପଏଣ୍ଟଟି ସାଧାରଣ ଲୋକଙ୍କ ସମସ୍ୟାର କେନ୍ଦ୍ର ବିନ୍ଦୁ ସାଙ୍ଗକୁ ପରିବେଶ ମଧ୍ୟ ଅସ୍ୱାସ୍ଥ୍ୟକର ହୋଇ ପଡିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ ସମୟରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏପରିକି ରାସ୍ତା ଉପରେ ପଚାସଢା ଆବର୍ଜନା ଗୁଡିକ ପଡି ରହୁଛି। ସୂଚନା ଯୋଗ୍ୟ, ଏହା ଫାଷ୍ଟଗେଟ ଓ ସାନ ବଜାର ଏବଂ ବଡ ବଜାରକୁ ସଂଯୋଗ କରୁଥିବା ରାସ୍ତା। ଏହି ରାସ୍ତା ଦେଇ ସାଧାରଣ ଲୋକ ଓ ଭାରୀଯାନ ଯାତାୟାତ କରିଥାଏ। କିନ୍ତୁ ଏଠାରେ ଥିବା ପଏଣ୍ଟ୍ ସମ୍ମୁଖରେ କୁଢ କୁଢ ଆବର୍ଜନା ଜମି ରହୁଛି। ଏପରିକି ପ୍ଲାଷ୍ଟିକ ଜରି ସମେତ ଅନ୍ୟାନ୍ୟ ଆବର୍ଜନା ଗୁଡିକୁ ଗୋରୁ ଓ ଘୁଷୁରିଙ୍କ ଚରା ଭୂମି ପାଲଟିଛି। ଆବର୍ଜନା ଜମି

## ବିଇଏମ୍‌ସି ଟ୍ରାନ୍ସପୋର୍ଟେସନ ପଏଣ୍ଟ୍


ବିଇଏମସି ଟ୍ରାନ୍ସପ୍ରୋଟେସନ ପଏଣ୍ଟ।

ରହିଥିବାରୁ ସମ୍ମୁଖରେ ଥିବା ଏକ ପୋଖରୀ ମଧ୍ୟ ଦୂଷିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସୂଚନା ଥାଉ କି, ବର୍ତ୍ତମାନ ୪୨ଟି ୱାର୍ଡ ନିମନ୍ତେ ଘରକୁ ଘର ଆବର୍ଜନା ସଂଗ୍ରହ ନିମନ୍ତେ ନିଗମର ୫୭ଟି ଗାଡି ରହିଛି। ଆବର୍ଜନା ସଂଗ୍ରହ ପରେ ଗାଡି ଗୁଡିକ ସହରରେ ଥିବା ୪ଟି ଆବର୍ଜନା ସଂଗ୍ରହ ପଏଣ୍ଟକୁ ଯାଇଥାଏ। ଏଥିମଧ୍ୟରୁ ନୂଆ ବସ୍‌ଷ୍ଟାଣ୍ଡ, ଧାନମେରା ସାହି ରୋଡ, ଆମ୍ବ ମାର୍କେଟ ରୋଡ ଓ ଗୋଷାଣୀନୂଆଗାଁଠାରେ ପଏଣ୍ଟ ରହିଛି। ପ୍ରତି ପଏଣ୍ଟରେ ଥିବା କଣ୍ଟେନର ୪୦ ମେଟ୍ରିକ ଟନ୍ ଆବର୍ଜନା ସଂଗ୍ରହ ପାଇଁ କ୍ଷମତା ରଖିଥାଏ। କିନ୍ତୁ ଏହା ସଂଗ୍ରହ ପଏଣ୍ଟ କ୍ଷେତ୍ରରେ ଏଭଳି ଅସୁବିଧା କାରଣରୁ ବହୁ ସମସ୍ୟା ଉପୁଜୁଛି। ସଫେଇ କ୍ଷେତ୍ରରେ ବିଇଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଇଏମ୍‌ସି ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କୁ ପଚାରିବାରୁ ନିଜେ ଉକ୍ତ ଜାଗା ପରିଦର୍ଶନ କରିବି। ସେଠାକାର ସ୍ଥାନ ସଫେଇ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

